ସୁନୀତା ଅଗ୍ରୱାଲ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ଫେବୃଆରୀ 11, 2000

[ଭି. ଏନ୍. ଖାରେ ଏବଂ ଏନ୍. ସନ୍ତୋଷ ହେଜ୍, ନ୍ୟାୟାଧୀଶଦ୍ୱୟ]

*ସେବା ଆଇନ ନିଯୁକ୍ତି - ଅଧ୍ୟାପକ ପଦବୀ - ଆବେଦନକାରୀଙ୍କ ଚୟନକୁ ଅନୁମୋଦନ ଦେବାକୁ କୁଳପତିଙ୍କ ଆଦେଶର ପ୍ରତ୍ୟାଖ୍ୟାନ - ପଦବୀର ପୁନଃବିଜ୍ଞାପନ - ଆବେଦନକାରୀ କୌଣସି ପ୍ରତିବାଦ ବିନା ଚୟନ କମିଟି ସମ୍ମୁଖରେ ଉପସ୍ଥିତ ହୋଇଥିଲେ - ଆବେଦନକାରୀ କୁଳପତିଙ୍କ ପୂର୍ବ ଆଦେଶକୁ ଆପତ୍ତି କରିପାରିବେ କି - ନାହିଁ ବୋଲି ନିର୍ଣ୍ଣୟ ହେଲା - ତାଙ୍କ ଆଚରଣ ଦ୍ୱାରା ତାଙ୍କୁ ପ୍ରତିବନ୍ଧିତ କରାଯାଇଥିଲା - ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872 ଧାରା 114 ।*

**ଆବେଦନକାରୀ ଏକ ସରକାରୀ ସହାୟତା ପ୍ରାପ୍ତ ଅନୁଷ୍ଠାନରେ ହିନ୍ଦୀ ଅଧ୍ୟାପକ ପଦବୀରେ ଚୟନ ପାଇଁ ଆବେଦନ କରିଥିଲେ । ଚୟନ କମିଟି ଆବେଦନକାରୀଙ୍କ ନାମ ସୁପାରିଶ କରିଥିଲେ । ତେବେ କୁଳପତିଙ୍କ ଦ୍ୱାରା ଏହା ଅନୁମୋଦିତ ହୋଇନଥିଲା, ଯିଏ ଉକ୍ତ ପଦବୀକୁ ପୁନଃ ବିଜ୍ଞାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଦବୀଟି ପୁନର୍ବାର ବିଜ୍ଞାପିତ କରାଯାଇଥିଲା । ଆବେଦନକାରୀ ପୁନର୍ବାର ଆବେଦନ କରିଥିଲେ ଏବଂ କୌଣସି ପ୍ରକାରର ପ୍ରତିବାଦ ବିନା ଚୟନ କମିଟି ସମ୍ମୁଖରେ ଉପସ୍ଥିତ ହୋଇଥିଲେ ଏବଂ ସେହି ଦିନ ସେ କୁଳପତିଙ୍କ ଅନୁମୋଦନ ଦେବାକୁ ପ୍ରତ୍ୟାଖ୍ୟାନ କରିବା ଆଦେଶ ବିରୁଦ୍ଧରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଏବଂ ଚୟନ ପ୍ରକ୍ରିୟାର ଫଳାଫଳ ଘୋଷଣା ନକରିବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାଇଥିଲେ । ପରବର୍ତ୍ତୀ ସମୟରେ, ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ରାୟ ବିରୋଧରେ ଏହି ଆବେଦନ ଦାୟର କରାଯାଇଥିଲା ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଲେ ଯେ :1.1.ବର୍ତ୍ତମାନର ମାମଲାରେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନରେ ଆଶ୍ୱସ୍ତି ନେବା ପାଇଁ ନିଜକୁ ବଞ୍ଚିତ କରିଥିଲେ । ଆବେଦନକାରୀ ତାଙ୍କ ଚୟନକୁ ଅନୁମୋଦନ ଦେବାକୁ ପ୍ରତ୍ୟାଖ୍ୟାନ କରି କୁଳପତିଙ୍କ**

**ଆଦେଶକୁ ଆପତ୍ତି କରି ନଥିଲେ ଏବଂ ବିପରୀତରେ, କୌଣସି ପ୍ରକାରର ପ୍ରତିବାଦ ବିନା ପଦବୀର ପୁନଃବିଜ୍ଞାପନର ପ୍ରତିକ୍ରିୟାରେ ସେ ଉକ୍ତ ପଦବୀ ପାଇଁ ନୂତନ ଭାବରେ ଆବେଦନ କରିଥିଲେ । ପଦବୀ ପୁନଃବିଜ୍ଞାପନ ପରେ ଗଠିତ ଚୟନ କମିଟି ସମ୍ମୁଖରେ ମଧ୍ୟ ସେ ଉପସ୍ଥିତ ହୋଇଥିଲେ ଏବଂ ତାହା ମଧ୍ୟ କୌଣସି ପ୍ରକାରର ପ୍ରତିବାଦ ବିନା । ସେହି ଦିନ ସେ କୁଳପତିଙ୍କ ଅନୁମୋଦନ ଦେବାକୁ ପ୍ରତ୍ୟାଖ୍ୟାନ କରିବା ଆଦେଶ ବିରୁଦ୍ଧରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ଏବଂ ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରାପ୍ତ କରିଥିଲେ । ଆଜ୍ଞାଦେଶ ଆବେଦନରେ ସେ ଏହା ମଧ୍ୟ ପ୍ରକାଶ କରି ନଥିଲେ ଯେ ସେ ଦ୍ୱିତୀୟ ବିଜ୍ଞାପନ ପରେ ପଦବୀ ପାଇଁ ଆବେଦନ କରିଥିଲେ । ଆବେଦନକାରୀ କୌଣସି ପ୍ରତିବାଦ ବିନା ଚୟନ କମିଟି ସମ୍ମୁଖରେ ହାଜର ହୋଇ ଏବଂ ଏକ ସୁଯୋଗ ନେଇ, କୁଳପତିଙ୍କ ପୂର୍ବ ଆଦେଶକୁ ଆପତ୍ତି କରିବାରୁ ତାଙ୍କ ଆଚରଣ ଦ୍ୱାରା ସେ ବଞ୍ଚିତ ହୋଇଥିଲେ । ଆବେଦନକାରୀଙ୍କ ସପକ୍ଷରେ କୌଣସି ସ୍ୱେଚ୍ଛାକୃତ ଆଶ୍ୱସ୍ତି ପ୍ରଦାନ କରିବାକୁ ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଜ୍ଞାଦେଶ ଆବେଦନକୁ ଯଥାର୍ଥରେ ଖାରଜ କରିଦେଇଥିଲେ ।[785-E-H]**

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 1097/2000 ।

ସି. ଡବ୍ଲ୍ୟୁ. ପି. ସଂଖ୍ୟା 448/1997ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 31.3.97 ର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଉପସ୍ଥିତ ଥିବା ପକ୍ଷଗୁଡିକ ପାଇଁ ଉଜାଗର ସିଂହ, ସୋନାଲ ଜୈନ, ଆଦିତ୍ୟ କୁମାର ଚୌଧୁରୀ, ଉଗ୍ର ଶଙ୍କର ପ୍ରସାଦ, ଗିରିଶ ଅଗ୍ନିହୋତ୍ରୀ, ଶ୍ରୀମତୀ ସୁରେଷ୍ଟା ବଗ୍ଗା, ନରେଶ ବକ୍ସି, ସୁଶ୍ରୀ ନରେଶ ବକ୍ସି, ମହାବୀର ସିଂ, ଅବ୍ଦୁସ ସତ୍ତାର, ସୁଶ୍ରୀ ହାଲିଦା ଖାତୁନ, ନୀରଜ ବଗ୍ଗା, ମନୀଷ ମୋହନ, ନୀରଜ କୁମାର ଜୈନ, ସୁଶ୍ରୀ ଶିଖା ରାୟ, ସଞ୍ଜୀବ କେ ପଢ଼ୀ, ପ୍ରେମ ମାଲହୋତ୍ରା, ଗିରିଶ ଅଗ୍ନିହୋତ୍ରୀ, ସୁଶ୍ରୀ ତନୁଜ ଶର୍ମା, ଅଜୟ ସିୱାଚ, ଶ୍ରୀ ସିରାଜ ବଗ୍ଗା ଏବଂ ସୁଶ୍ରୀ ଶିକା ରାୟ ।

ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଗଲା

*C.A. ସଂଖ୍ୟା 1097/2000 @S.L.P. ( C) ସଂଖ୍ୟା 16248/97*

ଅନୁମତି ମଞ୍ଜୁର କରାଗଲା ।

ସୁନୀତା ଅଗ୍ରୱାଲ ବନାମ ରାଜ୍ୟ

ହରିୟାଣାର 'ଜଗାଧାରୀ' ସହରରେ 'ହିନ୍ଦୁ ବାଳିକା କଲେଜ' ନାମରେ ଏକ ସରକାରୀ ସହାୟତା ପ୍ରାପ୍ତ ଅନୁଷ୍ଠାନ ରହିଛି।ଅନୁଷ୍ଠାନର ପରିଚାଳନା ହିନ୍ଦୀ ଅଧ୍ୟାପକ ପଦବୀ ପାଇଁ ବିଜ୍ଞାପନ ଦେଇଥିଲା । ଉକ୍ତ ବିଜ୍ଞାପନର ଜବାବରେ, ଆବେଦନକାରୀ ଏବଂ ଅନ୍ୟ ବ୍ୟକ୍ତିମାନେ ଉକ୍ତ ପଦବୀରେ ଚୟନ ପାଇଁ ଆବେଦନ କରିଥିଲେ । 1996 ମସିହା ଜୁଲାଇ 15 ତାରିଖରେ ଚୟନ କମିଟି ପ୍ରାର୍ଥୀମାନଙ୍କ ସାକ୍ଷାତକାର ନେଇଥିଲା । କୁଳପତିଙ୍କ ମନୋନୀତ ବ୍ୟକ୍ତି ଏବଂ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଆବେଦନକାରୀଙ୍କ ନାମକୁ କ୍ରମିକ ସଂଖ୍ୟା 2ରେ ରଖିବାକୁ ଅନୁମୋଦନ କରିଥିବାବେଳେ କିରଣ ବାଲାଙ୍କୁ କ୍ରମିକସଂଖ୍ୟା 1ରେ ରଖାଯାଇଥିଲା । ତେବେ ଚୟନ କମିଟି ଉକ୍ତ ପଦବୀ ପାଇଁ ଆବେଦନକାରୀଙ୍କ ନାମ ସୁପାରିଶ କରିଥିଲା । କୁଳପତିଙ୍କ ଦ୍ୱାରା ଏହା ଅନୁମୋଦିତ ହୋଇନଥିଲା, ଯିଏ 5.8.96 ତାରିଖର ଆଦେଶ ଦ୍ୱାରା ଉକ୍ତ ପଦବୀକୁ ପୁନର୍ବାର ବିଜ୍ଞାପନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

ତଦନୁସାରେ, 13 ନଭେମ୍ବର 1996 ରେ, ଏହି ପଦବୀକୁ ପୁନର୍ବାର ବିଜ୍ଞାପନ ଦିଆଯାଇଥିଲା ଏବଂ ଏହାର ଜବାବରେ, ଆବେଦନକାରୀ ହିନ୍ଦୀ ଅଧ୍ୟାପକ ପଦବୀ ପାଇଁ ବିଚାର ପାଇଁ ପୁନର୍ବାର ଆବେଦନ କରିଥିଲେ । ସାକ୍ଷାତକାରର ତାରିଖ 10 ଜାନୁଆରୀ, 1997 ଭାବରେ ସ୍ଥିର କରାଯାଇଥିଲା । ଉକ୍ତ ତାରିଖରେ ଆବେଦନକାରୀ କୌଣସି ପ୍ରକାରର ପ୍ରତିବାଦ ବିନା ଚୟନ କମିଟି ସମ୍ମୁଖରେ ଉପସ୍ଥିତ ହୋଇଥିଲେ ଏବଂ ଏକକାଳୀନ 5.8.96 ତାରିଖର ଉପ-କୁଳପତିଙ୍କ ଆଦେଶକୁ ଆପତ୍ତି କରି ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଯେଉଁଥିରେ କୁଳପତି ଚୟନ କମିଟିର ସୁପାରିଶକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ନୂତନ ବିଜ୍ଞାପନ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ ।10.1.97 ରେ, ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରାଯାଇଥିଲା ଯେ ଚୟନ ପ୍ରକ୍ରିୟା ଜାରି ରହିପାରେ, କିନ୍ତୁ ଏହାର ଫଳାଫଳ ଘୋଷଣା କରାଯିବ ନାହିଁ । ତେବେ, ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶ କୁଳପତିଙ୍କ ଦୃଷ୍ଟିକୁ ଅଣାଯାଇ ନଥିଲା । କୁଳପତି ଉକ୍ତ ଆଦେଶ ବିଷୟରେ ଅଜ୍ଞ ରହି ଶ୍ରୀମତୀ କମଲେଶ କୁମାରୀ ଭାଟିଆଙ୍କ ନାମକୁ ଅନୁମୋଦନ କରିଥିଲେ, ଯାହାଙ୍କ ନାମ ପରବର୍ତ୍ତୀ ଚୟନ କମିଟି ଦ୍ୱାରା ହିନ୍ଦୀ ଅଧ୍ୟାପକ ପଦବୀରେ ନିଯୁକ୍ତି ପାଇଁ ସୁପାରିଶ କରାଯାଇଥିଲା । ଉକ୍ତ ଅନୁମୋଦନ ଆଦେଶ ଫଳସ୍ୱରୂପ, ଶ୍ରୀମତୀ କମଲେଶ କୁମାରୀ ଭାଟିଆ ଉକ୍ତ ପଦବୀରେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ, ଯେତେବେଳେ ମଧ୍ୟବର୍ତ୍ତୀକାଳୀନ ଆଦେଶ କୁଳପତିଙ୍କ ଦୃଷ୍ଟିକୁ ଅଣାଯାଇଥିଲା, ସେ ଅନୁମୋଦନ ଆଦେଶ ପ୍ରତ୍ୟାହାର କରିଥିଲେ । କୁଳପତିଙ୍କ ଦ୍ୱାରା ଏକ ପୃଥକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ପାରିତ ହୋଇଥିବା ଉକ୍ତ ପ୍ରତ୍ୟାହୃତ ଆଦେଶ ଶ୍ରୀମତୀ କମଲେଶ

କୁମାରୀ ଭାଟିଆ ଆପତ୍ତି କରିଥିଲେ । ସୁନୀତା ଅଗ୍ରୱାଲ (ଆବେଦନକାରୀ) ଏବଂ ଶ୍ରୀମତୀ କମଲେଶ କୁମାରୀ ଭାଟିଆଙ୍କ ଦ୍ଵାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ ଏକାଠି ଶୁଣାଯାଇଥିଲା । ଆବେଦନକାରୀଙ୍କ ଦ୍ଵାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିବାବେଳେ ଶ୍ରୀମତୀ କମଲେଶ କୁମାରୀ ଭାଟିଆଙ୍କ ଦ୍ଵାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଅନୁମତି ଦିଆଯାଇଥିଲା ।

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ପରାମର୍ଶ ଶୁଣିଛୁ।ଉପରୋକ୍ତ ତଥ୍ୟଗୁଡ଼ିକର ବର୍ଣ୍ଣନା ଦର୍ଶାଏ ଯେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ ଆଶ୍ୱସ୍ତି ପାଇବା ପାଇଁ ନିଜକୁ ବଞ୍ଚିତ କରିଛନ୍ତି । ଆବେଦନକାରୀ ତାଙ୍କ ଚୟନକୁ ଅନୁମୋଦନ ଦେବାକୁ ପ୍ରତ୍ୟାଖ୍ୟାନ କରିଥିବା କୁଳପତିଙ୍କ ଆଦେଶକୁ ଆପତ୍ତି କରିନଥିଲେ ଏବଂ ବିପରୀତରେ, ସେ କୌଣସି ପ୍ରକାରର ପ୍ରତିବାଦ ବିନା ପଦବୀର ପୁନଃବିଜ୍ଞାପନର ଜବାବରେ ସେ ଉକ୍ତ ପଦବୀରେ ନୂତନ ଭାବରେ ଆବେଦନ କରିଥିଲେ । ସେ କେବଳ ଏହି ପଦବୀ ପାଇଁ ଆବେଦନ କରିନଥିଲେ, ବରଂ ପଦବୀର ପୁନଃବିଜ୍ଞାପନ ପରେ ଗଠିତ ଚୟନ କମିଟି ସମ୍ମୁଖରେ ଉପସ୍ଥିତ ହୋଇଥିଲେ ଏବଂ ତାହା ମଧ୍ୟ କୌଣସି ପ୍ରକାରର ପ୍ରତିବାଦ ବିନା, ଏବଂ ସେହି ଦିନ ସେ କୁଳପତିଙ୍କ ଅନୁମୋଦନ ଗ୍ରହଣ କରିବାକୁ ମନା କରିବା ଆଦେଶ ବିରୁଦ୍ଧରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ଏବଂ ଏକ ଅନ୍ତରୀଣ ଆଦେଶ ପ୍ରାପ୍ତ କରିଥିଲେ । ଆଜ୍ଞାଦେଶ ଆବେଦନରେ ସେ ଏହା ମଧ୍ୟ ପ୍ରକାଶ କରିନଥିଲେ ଯେ ସେ ଦ୍ଵିତୀୟ ବିଜ୍ଞାପନ ପରେ ଏହି ପଦବୀ ପାଇଁ ଆଜ୍ଞାଦେଶ ଆବେଦନ କରିଛନ୍ତି । ଆବେଦନକାରୀ ବିନା କୌଣସି ପ୍ରତିବାଦରେ ଚୟନ କମିଟି ସମ୍ମୁଖରେ ଉପସ୍ଥିତ ହୋଇଥିଲେ ଏବଂ ଏକ ସୁଯୋଗ ନେଇ, ଆମର ମତ ହେଉଛି ଯେ କୁଳପତିଙ୍କ ପୂର୍ବ ଆଦେଶ ଆପତ୍ତି କରିବାରେ ଆବେଦନକାରୀ ତାଙ୍କ ଆଚରଣ ଦ୍ଵାରା ବଞ୍ଚିତ ହୋଇଛନ୍ତି । ଆବେଦନକାରୀଙ୍କ ସପକ୍ଷରେ କୌଣସି ସ୍ୱେଚ୍ଛାକୃତ ଆଶ୍ୱସ୍ତି ପ୍ରଦାନ କରିବାକୁ ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ଥିଲେ । ଆଜ୍ଞାଦେଶ ଆବେଦନ ସଠିକ୍ ଭାବରେ ଖାରଜ ହୋଇଥିଲା ।

ତଦନୁସାରେ, ଆବେଦନ ବିଫଳ ହୁଏ ଏବଂ ଖାରଜ ହୁଏ । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।S.L.P. (C) ସଂଖ୍ୟା 9541/98

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଆବେଦନ ଉପରେ, ବିଶେଷ ଅନୁମତି ଆବେଦନକୁ ପ୍ରତ୍ୟାହୃତ ଭାବରେ ଖାରଜ କରାଯାଉଛି ।

ଆର୍. ଏ.                                                            ଅପିଲ୍/ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ<br>
ଅନୁବାଦକ<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।